# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 23 December – 2025

**********************************

## ମୁଖ୍ୟ ସମ୍ବାଦ

- ବିକଶିତ ଭାରତ– ଜି.ରାମ.ଜୀ ଅଭିଯାନ ଗ୍ରାମୀଣ ରୋଜଗାରକୁ ଆହୁରି ସୁଦୃଢ଼ କରିବ; କହିଲେ କେନ୍ଦ୍ର କୃଷିମନ୍ତ୍ରୀ
- ମାଲକାନଗିରି ଜିଲ୍ଲା ପୁଲିସ ନିକଟରେ ଆତ୍ମସମର୍ପଣ କଲେ ୨୨ ଜଣ ମାଓବାଦୀ
- ବିଜ୍ଞାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବୈଜ୍ଞାନିକମାନଙ୍କୁ ଜାତୀୟ ବିଜ୍ଞାନ ପୁରସ୍କାର ପ୍ରଦାନ କଲେ ରାଷ୍ଟ୍ରପତି

ଏବଂ

- ପ୍ରଥମ ପର୍ଯ୍ୟାୟରେ ୧୫୦ଟି ଆମ୍ବୁଲାନ୍ସ ସେବାର ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

Desk

# ବି.ଭି.– ଜି.ରାମ.ଜି.

ବିକଶିତ ଭାରତ ରୋଜଗାର ଏବଂ ଆଜୀବିକା ମିଶନ ପାଇଁ ଗ୍ୟାରେଣ୍ଟି ଅଭିଯାନ ଗ୍ରାମୀଣ–ବି.ଭି–ଜି.ରାମ.ଜୀ-୨୦୨୫ ଅଧିନିୟମ' ଗ୍ରାମୀଣ ରୋଜଗାରକୁ ଏକ ସ୍ୱତନ୍ତ୍ର କଲ୍ୟାଣମୂଳକ ପଦକ୍ଷେପରୁ ସମନ୍ୱିତ ବିକାଶରେ ପରିଣତ କରି ଆହୁରି ସୁଦୃଢ଼ କରିବ ବୋଲି କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି। ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ କୃଷିରତ ମହିଳା ସଂସ୍ଥାନରେ  ଅନୁଷ୍ଠିତ ରାଷ୍ଟ୍ରୀୟ କୃଷକ ଦିବସ ଅବସରରେ ଆଭାସୀ ମାଧ୍ୟମରେ ଯୋଗଦେଇ ଶ୍ରୀ ଚୌହ୍ୱାନ କହିଛନ୍ତି, କୃଷକଙ୍କ ଆୟବୃଦ୍ଧି, ଜଳବାୟୁ ପ୍ରତିରୋଧକ ପ୍ରଯୁକ୍ତିବିଦ୍ୟା, ଡିଜିଟାଲ କୃଷି ଏବଂ ଅନ୍ତର୍ଭୁକ୍ତ ନୀତି ମାଧ୍ୟମରେ ଜାତୀୟ ଖାଦ୍ୟ ନିରାପତ୍ତା ତଥା ଗ୍ରାମାଞ୍ଚଳର ସମୃଦ୍ଧତାକୁ ସୁନିଶ୍ଚିତ କରିବା ପାଇଁ ସରକାର ନିରନ୍ତର ପ୍ରୟାସ ଜାରି ରଖିଛନ୍ତି। ଏହି ଅବସରରେ 'ରୋଜଗାର ଏବଂ ଆଜୀବିକା ମିଶନ ପାଇଁ ବିକଶିତ ଭାରତ ଗ୍ୟାରେଣ୍ଟି' ସଂକ୍ରାନ୍ତରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

BBSR/R

# ମହାନଦୀ ଜଳବିବାଦ ବୈଠକ

ମହାନଦୀ ଜଳବିବାଦ ନେଇ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଆଜି  ଭୁବନେଶ୍ୱରଠାରେ ପ୍ରଥମ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ସିଂହଦେଓ କହିଛନ୍ତି, କମିଟିର ସଦସ୍ୟମାନଙ୍କୁ ମହାନଦୀ

ବିବାଦରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ, ଛତିଶଗଡ଼ ସହ ବର୍ତ୍ତମାନ ସୁଦ୍ଧା ହୋଇଥିବା ଆଲୋଚନା ସମ୍ପର୍କରେ ଅବଗତ କରାଯାଇଛି। କମିଟିର ପରବର୍ତ୍ତୀ ବୈଠକ ପୂର୍ବରୁ ସମସ୍ତ ସଦସ୍ୟମାନଙ୍କୁ ଆବଶ୍ୟକୀୟ କାଗଜପତ୍ର ଯୋଗାଇ ଦିଆଯିବ। ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ଦିଗରେ କମିଟି କାର୍ଯ୍ୟ କରିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

Malkangiri

## ମାଓବାଦୀ ଆତ୍ମସମର୍ପଣ

ମାଓବାଦୀ ଦମନ ଅଭିଯାନରେ ଆଜି ଓଡ଼ିଶା ପୁଲିସକୁ ଏକ ବଡ଼ ସଫଳତା ମିଳିଛି। ମାଲକାନଗିରି ଜିଲ୍ଲା ପୁଲିସ କାର୍ଯ୍ୟାଳୟ ପରିସରରେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ–ଡିଜିପି' ଯୋଗେଶ ବାହାଦୂର ଖୁରାନିଆଙ୍କ ଉପସ୍ଥିତିରେ ୨୨ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସମାଜରେ ସମ୍ମାନଜନକ ଭାବେ ଜୀବନଯାପନ ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ସହାୟତା ଯୋଗାଇ ଦିଆଯିବ। ରାଜ୍ୟ ସରକାରଙ୍କ ଆତ୍ମସମର୍ପଣ ଓ ପୁର୍ନବାସ ନୀତି ଉପରେ ଆସ୍ଥା ରଖି ମାଓବାଦୀମାନେ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ ନିଷ୍ପତ୍ତି ନେଇଛନ୍ତି ବୋଲି ଡିଜିପି ଶ୍ରୀ ଖୁରାନିଆ କହିଛନ୍ତି।

**- V/O -**

ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରେ ଜଣେ ଡିଭିଜନାଲ କମିଟି ସଦସ୍ୟ, ୬ ଜଣ ଏରିଆ କମିଟି ସଦସ୍ୟ ସମେତ ୧୫ ଜଣ ପାର୍ଟି ସଦସ୍ୟ ସାମିଲ ଅଛନ୍ତି। ଏହା ବ୍ୟତୀତ ସେମାନଙ୍କ ମଧ୍ୟରେ ୧୦ ଜଣ

ମହିଳା କ୍ୟାଡର ମାଓବାଦୀ ରହିଛନ୍ତି। ଏହି ସମସ୍ତ ମାଓବାଦୀମାନେ ଦୀର୍ଘଦିନ ଧରି ରାଜ୍ୟର ବିଭିନ୍ନ ଅଞ୍ଚଳରେ ହିଂସାତ୍ମକ କାର୍ଯ୍ୟକଳାପ, ସୁରକ୍ଷା କର୍ମୀଙ୍କ ଉପରେ ଆକ୍ରମଣ ଆଦି ଘଟଣାରେ ସାମିଲ ଥିଲେ। ସେମାନଙ୍କ ନିକଟରୁ ବହୁ ମାରଣାସ୍ତ୍ର ସହ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି।

ପୁନର୍ବାସ ଓ ଥଇଥାନ ନୀତି ଅନୁଯାୟୀ, ସମସ୍ତ ଆତ୍ମସମର୍ପଣକାରୀଙ୍କୁ ୧ କୋଟି ୮୪ ଲକ୍ଷ ୨୫ ହଜାର ଟଙ୍କା ପ୍ରଦାନ କରାଯିବ। ଏଥିସହ ରାଜ୍ୟ ସରକାରଙ୍କ ଅନ୍ତୋଦୟ ଯୋଜନାରେ ବାସଗୃହ, ବିବାହ ପ୍ରୋତ୍ସାହନ ରାଶି, ୩୬ ମାସ ପର୍ଯ୍ୟନ୍ତ ୧୦ ହଜାର ଟଙ୍କା ଲେଖାଏଁ ବୃତ୍ତି ସହାୟତା, ରାସନ ଓ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯିବ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନକ୍ସଲ ବିରୋଧୀ ଅଭିଯାନର ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା, ଜିଲ୍ଲାପାଳ ଓ ବରିଷ୍ଠ ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

Desk

## ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି

ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି ଓ ଗଣତି-ମଣତି ସମ୍ପର୍କିତ ଜନସ୍ୱାର୍ଥ ମାମଲାରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା–ଏ.ଏସ୍.ଆଇ. ପକ୍ଷରୁ ହାଇକୋର୍ଟରେ ସତ୍ୟପାଠ ଦାଖଲ କରାଯାଇଛି। ରତ୍ନଭଣ୍ଡାର ମରାମତି କାମ ଶେଷ ହୋଇଛି। ମରାମତି ପରେ ମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରାଯାଇଥିବା ନେଇ ସତ୍ୟପାଠରେ ଉଲ୍ଲେଖ

ରହିଛି। ଗଣତି ମଣତି ପାଇଁ ମାର୍ଗଦର୍ଶିକା ପ୍ରସ୍ତୁତ ହେଉଛି। ଖୁବ୍‌ଶୀଘ୍ର ପ୍ରକ୍ରିୟା ଆରମ୍ଭ ହେବ ବୋଲି ଆଜି ଏ ସମ୍ପର୍କିତ ଜନସ୍ୱାର୍ଥ ମାମଲାର ଶୁଣାଣି ସମୟରେ ଆଡଭୋକେଟ୍ ଜେନେରାଲ ପିତାମ୍ବର ଆଚାର୍ଯ୍ୟ' ହାଇକୋର୍ଟଙ୍କୁ ଅବଗତ କରାଇଛନ୍ତି।

Desk

## ବିଜ୍ଞାନ ପୁରସ୍କାର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀରେ ଦେଶର ବିଶିଷ୍ଟ ବୈଜ୍ଞାନିକମାନଙ୍କୁ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଓ ନବସୃଜନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜାତୀୟ ବିଜ୍ଞାନ ପୁରସ୍କାର-୨୦୨୫ ପ୍ରଦାନ କରିଛନ୍ତି। ଏହି ପୁରସ୍କାର ୪ଟି ବର୍ଗ' ବିଜ୍ଞାନ ରତ୍ନ, ବିଜ୍ଞାନଶ୍ରୀ, ବିଜ୍ଞାନ ଯୁବ ଶାନ୍ତିସ୍ୱରୂପ ଭଟ୍ଟନାଗର ଏବଂ ବିଜ୍ଞାନ ଟିମ୍‌ରେ ଦିଆଯାଇଛି। ପଦ୍ମ ବିଭୂଷଣ ପ୍ରଫେସର ଜୟନ୍ତ ବିଷ୍ଣୁ ନର୍ଲିକର୍‌ଙ୍କୁ ମୃତ୍ୟୁ ପରବର୍ତ୍ତୀ ବିଜ୍ଞାନ ରତ୍ନ ପୁରସ୍କାରରେ ସମ୍ମାନିତ କରାଯାଇଛି।

BBSR/R

# ଆମ୍ବୁଲାନ୍ସ ଲୋକାର୍ପଣ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ  ପ୍ରଥମ ପର୍ଯ୍ୟାୟରେ ୧୫୦ଟି ୧୦୮ ଆମ୍ବୁଲାନ୍ସ ସେବାର ଲୋକାର୍ପଣ କରିଛନ୍ତି। ସ୍ୱାସ୍ଥ୍ୟସେବାକୁ ତ୍ୱରାନ୍ୱିତ କରିବା ପାଇଁ ୧୧୧ କୋଟି ଟଙ୍କା ବ୍ୟୟରେ ପର୍ଯ୍ୟାୟକ୍ରମେ ୪୨୮ଟି ଆମ୍ବୁଲାନ୍ସର ବ୍ୟବସ୍ଥା କରାଯିବ ବୋଲି ଶ୍ରୀ ମାଝୀ କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, ପର୍ଯ୍ୟାୟକ୍ରମେ ପୁରୁଣା ଆମ୍ବୁଲାନ୍ସକୁ ବଦଳା ଯାଇ ନୂଆ ଆମ୍ବୁଲାନ୍ସ

ବ୍ୟବହାର କରାଯିବ। ଖୁବ୍‌ଶୀଘ୍ର ବିମାନ ବନ୍ଦରରେ ବ୍ୟବହାର ପାଇଁ ୫ଟି ଏ.ଏଲ୍.ଏସ୍ ଆମ୍ବୁଲାନ୍ସ ଏବଂ ଝାରସୁଗୁଡ଼ା କାଡ଼ିଆକ୍ କେୟାର ହସ୍ପିଟାଲ ପାଇଁ ଦୁଇଟି ଏ.ଏଲ୍.ଏସ୍. ଆମ୍ବୁଲାନ୍ସ ବ୍ୟବହାର କରାଯିବ। ରାଜ୍ୟରେ ଦୈନିକ ୫ ହଜାର ରୋଗୀଙ୍କୁ ୧୦୮ ଆମ୍ବୁଲାନ୍ସ ଜରିଆରେ ବିଭିନ୍ନ ହସ୍ପିଟାଲକୁ ନିଆଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

Desk

## ଖଣି ନିଲାମ

ରାଜ୍ୟରେ ଖଣି ନିଲାମ ପାଇଁ ଆସନ୍ତା ମାସ ୩ ତାରିଖରେ ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ବୈଠକରେ ୪୯ଟି ଖଣି ନିଲାମ ପାଇଁ ସମୟ ଧାର୍ଯ୍ୟ କରାଯିବ। ପ୍ରସ୍ତାବିତ ଖଣି ବ୍ଲକମାନଙ୍କର ଆବଶ୍ୟକତା, ଅନୁସନ୍ଧାନ ସ୍ଥିତି ଓ ନିଲାମ ପ୍ରସ୍ତୁତି ନେଇ ବୈଠକରେ ଯାଞ୍ଚ କରାଯିବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

Desk

## ବସ୍‌ଷ୍ଟାଣ୍ଡ ନିର୍ମାଣ

ବିଶ୍ୱସ୍ତରୀୟ ସାର୍ବଜନୀନ ପରିବହନ ଢାଞ୍ଚା ପ୍ରତି ସରକାର ପ୍ରତିବଦ୍ଧ ବୋଲି ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ଭୁବନେଶ୍ୱରଠାରେ ଆୟୋଜିତ ଗୃହ ଓ ନଗର ଉନ୍ନୟନ ବିଭାଗର ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି, ବାରିପଦାରେ ୫ ଏକର ଜମିରେ ଆଧୁନିକ ଅଟଳ ବସଷ୍ଟାଣ୍ଡ ନିର୍ମାଣ କରାଯିବ। ଯାତ୍ରୀ

ସୁବିଧା, ସୁରକ୍ଷା, ସୁଲଭତା ଓ କାର୍ଯ୍ୟକ୍ରମ ପରିଚାଳନାକୁ ପ୍ରାଥମିକତା ଦେଇ ଏହାର ରୂପରେଖ ପ୍ରସ୍ତୁତ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି ।

Desk

## ଧର୍ମେନ୍ଦ୍ର- ବିଦ୍ୟାଳୟ ଉଦ୍‌ଘାଟନ

ସାକ୍ଷରତାରୁ ଊର୍ଦ୍ଧ୍ୱକୁ ଯାଇ ଜ୍ଞାନ ଆଧାରିତ ଅର୍ଥନୀତି ନିର୍ମାଣ କରିବା ସରକାରଙ୍କ ମୂଳଲକ୍ଷ୍ୟ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ସମ୍ବଲପୁର ଭାଲୁକୁନ୍ଦାଠାରେ ଏକ ବିଦ୍ୟାଳୟର ଉଦ୍‌ଘାଟନ ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି, ଜାତୀୟ ଶିକ୍ଷାନୀତି ଅନୁଯାୟୀ ମାତୃଭାଷାକୁ ପ୍ରାଧାନ୍ୟ ଦେଇ ନୂତନ ପିଢ଼ିର ସର୍ବାଙ୍ଗୀନ ବିକାଶ କରିବା ଆମର ନୈତିକ ଦାୟିତ୍ୱ । ସମ୍ବଲପୁରକୁ ଶିକ୍ଷା ଓ ବୈଷୟିକ କ୍ଷେତ୍ରରେ ଅନ୍ତର୍ଜାତୀୟସ୍ତରରେ ଶକ୍ତିଶାଳୀ କରିବା ଦିଗରେ କେନ୍ଦ୍ରମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ଜିଲ୍ଲାରେ ଆଇ.ଆଇ.ଏମ୍., ଭୀମସାର୍ ମେଡିକାଲ, ଭିସୁଟ୍ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଭଳି ଶିକ୍ଷାନୁଷ୍ଠାନ ଏ ଦିଗରେ ବିଶେଷ ଗୁରୁତ୍ୱ ବହନ କରୁଥିବା ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ।

HS

## ଧର୍ମେନ୍ଦ୍ର- ରେଳପ୍ରକଳ୍ପ

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ସମ୍ବଲପୁର ରେଳ ଡିଭିଜ୍‌ନାଲ ବୈଠକରେ ଯୋଗଦେଇ ରାଜ୍ୟରେ ବିଭିନ୍ନ ରେଳପ୍ରକଳ୍ପର ଅଗ୍ରଗତି ନେଇ ଆଲୋଚନା କରିଛନ୍ତି । ବୈଠକରେ ଖୋର୍ଦ୍ଧାରୋଡ୍–ବଲାଙ୍ଗୀର, ତାଳଚେର-ବିମଳାଗଡ଼, ଜରପଡ଼ା–ସମ୍ବଲପୁର ଓ ଶାସନ-ଝାରସୁଗୁଡ଼ା ରେଳପ୍ରକଳ୍ପର ଅଗଗ୍ରତି ନେଇ ଆଲୋଚନା ହୋଇଛି ।

BBSR/R

## କମାଣ୍ଡୋ ପ୍ରତିଯୋଗିତା

ରାଜ୍ୟର ଆଇନ ଶୃଙ୍ଖଳା ଓ ଶାନ୍ତି ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ ପୁଲିସ ବାହିନୀଙ୍କୁ ଅତ୍ୟାଧୁନିକ ଓ ସକ୍ଷମ କରାଯିବ ବୋଲି ନକ୍ସଲ ବିରୋଧୀ ଅଭିଯାନର ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା କହିଛନ୍ତି । ଭୁବନେଶ୍ୱରଠାରେ ସ୍ପେଶାଲ ଅପରେସନ୍ ଗ୍ରୁପ୍– ଏସ୍.ଓ.ଜି.ର ଅଷ୍ଟମ ରାଜ୍ୟ ପୁଲିସ ଆନ୍ତଃ ବାଟାଲିୟନ କମାଣ୍ଡୋ ପ୍ରତିଯୋଗିତାରେ ଯୋଗଦେଇ ଶ୍ରୀ ପଣ୍ଡା କହିଛନ୍ତି, କୌଶଳ, ଶାରୀରିକ ସାମର୍ଥ୍ୟ, ରଣନୀତି, ମାନସିକ ସହନଶୀଳତାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଏହି ପ୍ରତିଯୋଗିତାର ଆୟୋଜନ କରାଯାଇଛି ।

Boudh

## ବାଘ ଗଣନା

ମହାନଦୀ ବନ୍ୟପ୍ରାଣୀ ବନାଞ୍ଚଳ ନୟାଗଡ଼ ଡିଭିଜନ ଅନ୍ତର୍ଗତ ବୌଦ୍ଧ ଜିଲ୍ଲା କୁଶଙ୍ଗ ରେଞ୍ଜ ସାତକୋଶିଆ ବ୍ୟାଘ୍ର ଅଭୟାରଣ୍ୟରେ ବାଘ ଗଣନା କାର୍ଯ୍ୟ ଜାରି ରହିଛି । ରେଞ୍ଜ ଅଧୀନରେ ଥିବା ୧୧ଟି ବିଟ୍‌ରେ ୩୩ ଜଣ କର୍ମଚାରୀ ଗଣନାରେ ନିୟୋଜିତ ଅଛନ୍ତି । ପ୍ରଥମ ତିନିଦିନରେ ନଦୀପଠା, ନାଳ ଏବଂ ଘଞ୍ଚ ଜଙ୍ଗଲରେ ସମୁଦାୟ ୧୧୦ଟି ପି.ଆଇ.ପି.ରେ ବାଘର ପାଦଚିହ୍ନ ଆଦିର ନମୂନା ସଂଗ୍ରହ କରାଯାଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

Boudh

## ଜଳ ପରିମଳ ମିଶନ ବୈଠକ

ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଜଳ ପରିମଳ ମିଶନ ବିଭାଗୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବୃହତ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରି ଶୀଘ୍ର ସମାପ୍ତ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

Nayagarh

## ନୀତି ଆୟୋଗଙ୍କ ସମୀକ୍ଷା

ନୟାଗଡ଼ ଜିଲ୍ଲାରେ ବିଭିନ୍ନ ଯୋଜନାରେ ସଫଳ ରୂପାୟନ ଏବଂ ବ୍ଲକସ୍ତରରେ ନିଆଯାଉଥିବା ବିଭିନ୍ନ ପଦକ୍ଷେପର ସମୀକ୍ଷା ପାଇଁ କେନ୍ଦ୍ରୀୟ ନୀତି ଆୟୋଗର ପ୍ରଭାରୀ ପ୍ରଦୀପ କୁମାର ଜେନା ଆଜି ଦଶପଲ୍ଲାରେ ପହଁଞ୍ଚିଛନ୍ତି। ଦୁଇଦିନିଆ ଏହି ଗସ୍ତ କାର୍ଯ୍ୟକ୍ରମର ପ୍ରଥମ ଦିନରେ ଶ୍ରୀ ଜେନା ଦଶପଲ୍ଲା ବ୍ଲକର ଖମାରସାହି, ତେଣ୍ଡାବାଡ଼ି ଏବଂ ସରିଗଣ୍ଡା ପଞ୍ଚାୟତ ବୁଲି ବିଭିନ୍ନ ଯୋଜନାର କାର୍ଯ୍ୟାନ୍ୱୟନ ତଦାରଖ କରିଥିଲେ।

Gajapati

## ଗାଓଁ କି ଔର କର୍ମଶାଳା

ଗଜପତି ଜିଲ୍ଲାର ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ସୁଶାସନ ସପ୍ତାହ 'ପ୍ରଶାସନ ଗାଓଁ କି ଔର' କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଜିଲ୍ଲାର ସ୍ୱାସ୍ଥ୍ୟ, ଶିଶୁ

ବିକାଶ ଏବଂ ସାଧାରଣ ଅଭିଯୋଗ ଶୁଣାଣି ଓ ସମାଧାନ ସମେତ ବିଭିନ୍ନ ଯୋଜନା ସଂକ୍ରାନ୍ତରେ ଆଲୋଚନା ହୋଇଥିଲା ।

Ganjam

## ପ୍ରଶାସନ ଗାଓଁ କି ଔର

ଗଞ୍ଜାମ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ସୁଶାସନ ସପ୍ତାହ 'ପ୍ରଶାସନ ଗାଓଁ କି ଔର' କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କର୍ମଶାଳାରେ ସ୍ୱାସ୍ଥ୍ୟ, ଶିକ୍ଷା, ଶିଶୁ ବିକାଶ ଏବଂ ସାଧାରଣ ଅଭିଯୋଗର ଶୁଣାଣି କରାଯାଇଥିଲା ।

Nayagarh

## ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ

ନୟାଗଡ଼ ଜିଲ୍ଲା ବ୍ରଜେନ୍ଦ୍ର ଉଚ୍ଚବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଓ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ବ୍ଲକରୁ କୃତିତ୍ୱ ଅର୍ଜନ କରି ଜିଲ୍ଲାସ୍ତରକୁ ଆସିଥିବା ୧୩୬ଟି ପ୍ରକଳ୍ପ ଏଥିରେ ପ୍ରଦର୍ଶିତ ହୋଇଥିଲା ।

Nayagarh

## ସାଂସଦ ଖେଳ ମହୋତ୍ସବ

ନୟାଗଡ଼ ଜିଲ୍ଲା ଓଡ଼ଗାଁ ମିନି ଷ୍ଟାଡିୟମ୍ ପରିସରରେ ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସାଂସଦ ଡକ୍ଟର ସମ୍ବିତ ପାତ୍ରଙ୍କ ସମେତ ଜିଲ୍ଲାର ବହୁ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ ।

Nabarangpur

## ସାଂସଦ ଖେଳ ମହୋତ୍ସବ

ନବରଙ୍ଗପୁର ଜିଲ୍ଲା କୋଟପାଡ ବ୍ଲକରେ ସାଂସଦ ଖେଳ ମହୋତ୍ସବ ଅନୁଷ୍ଠିତ ହୋଇଛି । ମହିଳା ଫୁଟବଲ୍ ଟୁର୍ଣ୍ଣାମେଣ୍ଟରେ ରାଇଘର ଓ ଉମରକୋଟ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ଉମରକୋଟ ମହିଳା ଫୁଟବଲ ଟିମ ବିଜେତା ହୋଇଛି ।

MET

## ପାଣିପାଗ

ରାଜ୍ୟରେ ଶୀତର ଲହରି ଜାରି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆଜି କୋରାପୁଟଠାରେ ସର୍ବନିମ୍ନ ତାପମାତ୍ରା ୬ ଦଶମିକ ୩ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘନକୁହୁଡ଼ି ହେବା ନେଇ ସୁନ୍ଦରଗଡ଼, ଝାରସୁଗୁଡ଼ା, ସୁବର୍ଣ୍ଣପୁର ଓ କନ୍ଧମାଳ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।